# NATIONAL NEWS BULLETIN (ODIA)

## 5 November - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ନ୍ୟାୟ ପ୍ରଦାନ ବ୍ୟବସ୍ଥା ଦେଶକୁ ନ୍ୟାୟ ତଥା ନିରପେକ୍ଷ ସମାଜ ମାର୍ଗରେ ଅଗ୍ରସର କରିଥାଏ, କହିଲେ ରାଷ୍ଟ୍ରପତି ।
- ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତା ୨୫ରୁ ହେବ ଆରମ୍ଭ ।
- ଜଳ ପରିଚାଳନା, ସଂରକ୍ଷଣ ଏବଂ ସ୍ଥାୟୀତ୍ୱ ପ୍ରତି ସଚେତନତା ସୃଷ୍ଟି ଲକ୍ଷ୍ୟରେ ନୀତି ଆୟୋଗଙ୍କ ପକ୍ଷରୁ ଆସନ୍ତାକାଲି ଠାରୁ ଆରମ୍ଭ ହେବ ୧୫ ଦିନିଆ ଜଳଉତ୍ସବ ।
- ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଚାଲିଛି ମତଗ୍ରହଣ ।

ଏବଂ

- ଦେଶର ବିଭିନ୍ନ ସ୍ଥାନରେ ଆଜିଠାରୁ ଆରମ୍ଭ ହୋଇଛି ଛଟ୍ ପର୍ବ ।

# ପ୍ରେଜ୍-ଏସ୍‌ସି ବୁକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ନ୍ୟାୟ ପ୍ରଦାନ ବ୍ୟବସ୍ଥା ଦେଶକୁ ନ୍ୟାୟ ତଥା ନିରପେକ୍ଷ ସମାଜ ମାର୍ଗରେ ଅଗ୍ରସର କରିଥାଏ । ରାଷ୍ଟ୍ରପତି ଭବନରେ ଆଜି ସୁପ୍ରିମ୍‌କୋର୍ଟର ତିନୋଟି ପ୍ରକାଶନକୁ ଉନ୍ମୋଚନ କରିବା ଅବସରରେ ରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି, ସୁପ୍ରିମ୍‌କୋର୍ଟ୍ ପ୍ରସ୍ତୁତି କରିଥିବା ଏହି ତିନୋଟି ନ୍ୟାୟ ଶାସ୍ତ୍ର ଦେଶର ନୀତି ଏବଂ ବାସ୍ତବତାକୁ ଆଧାର କରି ପ୍ରସ୍ତୁତ ହୋଇଛି । ଲୋକ ଅଦାଲତ ଆୟୋଜନ, ଜିଲ୍ଲା ସ୍ତରୀୟ ନ୍ୟାୟିକ ଅଧିକାରିକ ସମ୍ମିଳନୀ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ବାସ୍ତବତାକୁ ଦୃଷ୍ଟିରେ ରଖି ଆୟୋଜିତ ହୋଇଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି ।

ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ଆଜି ଉନ୍ମୋଚିତ ହୋଇଥିବା ତିନୋଟି ଯାକ ପ୍ରକାଶନର ପରିଚୟ ହେଉଛି ସ୍ୱଚ୍ଛତାର ଉପାଦାନ । ସେଥିମଧ୍ୟରୁ ଗୋଟିଏ ଏକ ଅଦାଲତର ନ୍ୟାୟ ଶାସ୍ତ୍ରକୁ ଏହାର ପ୍ରତିଷ୍ଠା ପରଠାରୁ ବିଶ୍ଳେଷଣ କରିଛି । ଅନ୍ୟ ୨ଟି ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଆଇନ୍ ସହାୟତା ସେଲ୍‌ର କାର୍ଯ୍ୟକଳାପ ଏବଂ ଜେଲ୍ ଗୁଡ଼ିକର ସ୍ଥିତି ଉପରେ ପର୍ଯ୍ୟବେଶିତ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି ।

## ପାର୍ଲାମେଣ୍ଟ-ୱିଣ୍ଟର ସେସନ୍

ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତା ୨୫ରୁ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କୀରଣ ରିଜିଜୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ୨୬ ତାରିଖରେ ସଦନର କେନ୍ଦ୍ରୀୟ ହଲ୍‌ରେ ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ପାଳନ କରାଯିବ ।

## ଓମ୍ ବିର୍ଲା

ତିନୋଟି ଯାକ ନୂତନ ଅପରାଧିକ ଆଇନ୍ ସମସାମୟିକ ସମାଜର ଆହ୍ୱାନକୁ ମୁକାବିଲା କରିବାରେ ସହଯୋଗ ପ୍ରଦାନ କରିପାରୁଛି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି । ନୂଆଦିଲ୍ଲୀ ସ୍ଥିତ ସଂସଦ ଭବନ ପରିସରରେ ସାମ୍ବିଧାନିକ ସଂସ୍ଥାନ ଏବଂ ସଂସଦୀୟ ଅଧ୍ୟୟନ ସଂସ୍ଥାନ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ବିର୍ଲା କହିଛନ୍ତି, ବହୁ ବିଚାର ବିମର୍ଷ ପରେ ଏହି ତିନୋଟି ଯାକ ଅପରାଧିକ ଆଇନ୍‌କୁ ପ୍ରଚଳନ କରାଯାଇଛି । ନ୍ୟାୟ ବ୍ୟବସ୍ଥା ଉପରେ ଦେଶବାସୀଙ୍କ ଅତୁଟ ବିଶ୍ୱାସ ରହିଛି । ୭୫ ବର୍ଷର ଯାତ୍ରାରେ ଏହା ଆହୁରି ଶକ୍ତିଶାଳୀ ହୋଇପାରିଛି । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୮୩ଟି ଦେଶର ଅଧିକାରୀଙ୍କୁ ସମ୍ବୋଧନ କରି ଶ୍ରୀ ବିର୍ଲା କହିଛନ୍ତି, ଭାରତ ସର୍ବଦା

ଆନ୍ତର୍ଜାତିକ ଆଇନ୍‌କୁ ସମ୍ମାନ ଦେବା ସହିତ ମାନବିକ ଅଧିକାରକୁ ଦୃଢ଼ ସମର୍ଥନ ପ୍ରଦାନ କରିଛି ।

# ଜିତେନ୍ଦ୍ର ସିଂହ କନ୍‌କ୍ଲେଭ୍

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଆସନ୍ତାମାସରେ ଭାରତ ଶ୍ରୀହରିକୋଟା ମହାକାଶ ଷ୍ଟେସନ୍‌ରୁ ପ୍ରୋବା-ଥ୍ରୀ ନାମକ ୟୁରୋପୀୟ ମହାକାଶ ଏଜେନ୍ସି ଅଭିଯାନର ଶୁଭାରମ୍ଭ କରିବ । ଏଥିରେ ସୌରମଣ୍ଡଳ ନିକଟବର୍ତ୍ତୀ ସୂର୍ଯ୍ୟଙ୍କ କ୍ଷୁଦ୍ର କୋରୋନା ଉପରେ ଅଧ୍ୟୟନ କରାଯିବ । ନୂଆଦିଲ୍ଲୀରେ ଇଣ୍ଡିଆନ୍ ସ୍ପେସ୍ କନ୍‌କ୍ଲେଭ୍ ୩ ଦଶମିକ୍ ଶୂନ୍‌କୁ ଆଜି ସମ୍ବୋଧନ କରି ମନ୍ତ୍ରୀ କହିଛନ୍ତି, ଦେଶର ପ୍ରାୟ ସବୁ କ୍ଷେତ୍ର ମହାକାଶ ଟେକ୍ନୋଲୋଜିର ବ୍ୟବହାର କରୁଛନ୍ତି । ଆଗାମୀ ବର୍ଷ ଗୁଡ଼ିକରେ ବିଶ୍ୱ ମହାକାଶ ଅର୍ଥନୀତିରେ ଭାରତର ଅବଦାନକୁ ଦୁଇରୁ ୧୦ ପ୍ରତିଶତରୁ ବୃଦ୍ଧି କରିବା ନେଇ ମନ୍ତ୍ରୀ ଡକ୍ଟର ସିଂହ ଗୁରୁତ୍ୱାରୋପ କରିଛନ୍ତି । ୨୦୩୫ ସୁଦ୍ଧା ଭାରତ ଅନ୍ତରିକ୍ଷ ଷ୍ଟେସନ୍ ନାମରେ ଏକ ଭାରତୀୟ ମହାକାଶ ଷ୍ଟେସନ୍‌ର ଶୁଭାରମ୍ଭ କରିବା ସହିତ ୨୦୪୦ ସୁଦ୍ଧା ଜଣେ ଭାରତୀୟ ମହାକାଶଚାରୀ ଚନ୍ଦ୍ରରେ ଅବତରଣ କରାଇବାକୁ ପଦକ୍ଷେପ ନିଆଯିବ ବୋଲି ଡକ୍ଟର ସିଂହ ସୂଚନା ଦେଇଛନ୍ତି ।

# ହରିଆଣା-ସେସନ୍

ହରିଆଣାର ପଞ୍ଚଦଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ । ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ସେହି ଦିନ ପୂର୍ବାହ୍ନ ୧୧ଟାରେ ଅଧିବେଶନ ଆରମ୍ଭ ହେବ । ବାଚସ୍ପତି ହରବୀନ୍ଦର କଲ୍ୟାଣ କହିଛନ୍ତି, ଆଗାମୀ ବୈଠକ ପାଇଁ ସମସ୍ତ ପ୍ରସ୍ତୁତି ଚାଲିଛି । ବୈଠକ ପୂର୍ବରୁ ପରିଚାଳନା ପରାମର୍ଶ କମିଟି ଅନୁଷ୍ଠିତ ହୋଇ ବିଧାନସଭା କାର୍ଯ୍ୟସୂଚୀ ଉପରେ ବିସ୍ତୃତ ଆଲୋଚନା ହେବ ବୋଲି ବାଚସ୍ପତି କହିଛନ୍ତି ।

# ୟୁଏସ୍-ପ୍ରେଜ୍ ଭୋଟ୍

ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ ଚାଲିଛି । ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଏବଂ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ କମଳା ହାରିସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ମିଳିଥିବା ସୂଚନା ଅନୁଯାୟୀ ଭରମୋଣ୍ଟରେ ପ୍ରଥମେ ମତଦାନ ଆରମ୍ଭ ହୋଇଥିଲା । କ୍ରମଶଃ ଅନ୍ୟ ପ୍ରଦେଶ ଗୁଡ଼ିକରେ ମତଗ୍ରହଣ କରାଯିବ । ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ୍ ମିଚିଗାନ୍ ଠାରେ ନିଜର ଶେଷ ନିର୍ବାଚନୀ ଭାଷଣ ଦେଇଥିବା ବେଳେ ହାରିସ୍ ପେନ୍‌ସିଲ୍ ଭାନିଆରେ ତାଙ୍କର ନିର୍ବାଚନ ପ୍ରଚାର ଶେଷ କରିଥିଲେ । ନିର୍ବାଚନ ପ୍ରଚାର ସମୟରେ ଟ୍ରମ୍ପ୍ ସୀମା ସିଲ୍

କରିବାକୁ ପ୍ରତିଶ୍ରୁତି ଦେବା ସହ ଟ୍ରିଲିୟନ୍ ଟଙ୍କାର ଟିକସ ହ୍ରାସ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଅନ୍ୟ ପକ୍ଷରେ ହାରିସ୍ ଗର୍ଭପାତ ଅଧିକାର ପ୍ରଦାନ ସହିତ କର୍ମଜୀବୀଙ୍କ ପରିବାର ପାଇଁ ଖାଦ୍ୟ ଓ ବାସଗୃହ ଖର୍ଚ୍ଚ ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲେ । ମୋଟ୍ ୫୩୮ ଇଲେକ୍ଟୋରାଲ୍ କଲେଜ ଭୋଟ୍ ମଧ୍ୟରୁ ୨୭୦ ଭୋଟ୍ ହାସଲ କରିଥିବା ପ୍ରାର୍ଥୀ ବିଜୟୀ ସାବ୍ୟସ୍ତ ହେବେ । ୟୁନିଭରସିଟି ଅଫ୍ ଫ୍ଲୋରିଡା ଇଲେକ୍ସନ୍ ଲ୍ୟାବ୍ର ସୂଚନା ଅନୁଯାୟୀ ୮୨ ନିୟୁତରୁ ଅଧିକ ଲୋକ ଇତିମଧ୍ୟରେ ଭୋଟ୍ ଦେଇ ସାରିଲେଣି । ପାଖାପାଖି ୨୪୪ ନିୟୁତ ପଞ୍ଜିକୃତ ଭୋଟର ଅଛନ୍ତି । ଗତ ୨୦୨୦ ନିର୍ବାଚନରେ ପ୍ରାୟ ୬୬ ପ୍ରତିଶତ ମତଦାନ ହୋଇଥିଲା । ନିର୍ବାଚନ ବିଶେଷଜ୍ଞଙ୍କ ମତ ଅନୁଯାୟୀ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇପାରେ । ଭୋଟ ଗଣତି ଆସନ୍ତା ବର୍ଷ ଜାନୁଆରୀ ୬ ତାରିଖରେ କରାଯିବ । ନୂଆ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ଆସନ୍ତା ଜାନୁଆରୀ ୨୦ରୁ ଆରମ୍ଭ ହେବ ।

## ଝାଡ଼ଖଣ୍ଡ-କ୍ୟାମ୍ପେନିଂ

ଝାଡ଼ଖଣ୍ଡରେ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି । କୋଡର୍ମାର ଡୋମ୍ଚାଚି ଠାରେ ନିର୍ବାଚନୀ ସଭାକୁ ସମ୍ବୋଧନ କରି

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ହେମନ୍ତ ସୋରେନ୍‌ଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଦୁର୍ନୀତିଗ୍ରସ୍ତ ବୋଲି ଅଭିଯୋଗ କରିଛନ୍ତି । ଏହି ସରକାରଙ୍କୁ ବଦଳାଇବା ପାଇଁ ନିର୍ବାଚନ ଉପଯୁକ୍ତ ମାଧ୍ୟମ ବୋଲି ଶ୍ରୀ ଆଦିତ୍ୟନାଥ କହିବା ସହ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ଅନ୍ୟ ପକ୍ଷରେ ଜେ.ଏମ୍.ଏମ୍. ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ର୍‌ୟାଲିକୁ ସମ୍ବୋଧନ କରିଛନ୍ତି । ସେହିଭଳି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ରାଞ୍ଚି ଏବଂ ଲୋହରଡଗା ଠାରେ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଥିବା ବେଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ହଜାରିବାଗ୍‌ର ମାଣ୍ଡୁକ୍ ଏବଂ ରାଞ୍ଚିର କାଙ୍କେ ଠାରେ ଇଣ୍ଡି ମେଣ୍ଟର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍‌ଭିକ୍ଷା କରିଛନ୍ତି ।

## ମହାରାଷ୍ଟ୍ର-ବିଧାନସଭା କ୍ୟାମ୍ପେନିଂ

ମହାରାଷ୍ଟ୍ର ବିଧାନସଭା ପାଇଁ ନିର୍ବାଚନ ପ୍ରଚାର ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଚାଲିଛି । ୨୮୮ଟି ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ମତଗ୍ରହଣ କରାଯିବ । ୪ ହଜାର ୧୪୦ ଜଣ ପ୍ରାର୍ଥୀ ତାଙ୍କର ରାଜନୈତିକ ଭାଗ୍ୟ ପରୀକ୍ଷା କରୁଛନ୍ତି । ଭୋଟରଙ୍କୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଆକର୍ଷଣ କରିବା ପାଇଁ ଶୀର୍ଷ ନେତୃବୃନ୍ଦ ପ୍ରଚାରର ମଙ୍ଗ

ଧରିଛନ୍ତି । ଆମ ମୁମ୍ବାଇ ସମ୍ବାଦଦାତାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଆଜି ସତାରାର କୋରେଗାଓଁ ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ର୍ୟାଲିକୁ ସମ୍ବୋଧିତ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍ ନାଗପୁର ଦକ୍ଷିଣ-ପଶ୍ଚିମ ନିର୍ବାଚନ ମଣ୍ଡଳୀର ଏକ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ସୂଚନା ଯୋଗ୍ୟ ଏହି ନିର୍ବାଚନ ମଣ୍ଡଳୀରୁ ଶ୍ରୀ ଫଡ଼ଣାବିସ୍ କ୍ରମାଗତ ତୃତୀୟଥର ପାଇଁ ପ୍ରତିନିଧିତ୍ୱ କରି ଆସୁଛନ୍ତି । ଏନ୍.ସି.ପି.-ଏସ୍.ପି. ଗୋଷ୍ଠୀ ମୁଖ୍ୟ ଶରଦ ପାୱାର ବାରାମତିର ଶିର୍‌ସୁଫାଲ୍ ଗାଁର ଭୋଟରଙ୍କ ସହ ମିଶି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧି ଆସନ୍ତାକାଲି ନାଗପୁର ଏବଂ ମୁମ୍ବାଇରେ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

## ଛଟ୍ ପୂଜା

ଦେଶର ବିଭିନ୍ନ ସ୍ଥାନରେ ଆଜିଠାରୁ ଛଟ୍ ପର୍ବ ଆରମ୍ଭ ହୋଇଛି । ଚାରିଦିନ ବ୍ୟାପି ହେବାକୁ ଥିବା ଏହି ପର୍ବର ପ୍ରଥମ ଦିନରେ ଆଜି ନାହାଇ ଖାଏ ପାଳନ କରାଯାଉଛି । ବିଧି ଅନୁସାରେ ଦ୍ୱିତୀୟ ଦିନ ଖରନା ଅବସରରେ ନିର୍ଜଳା ବ୍ରତ କରାଯାଏ । ପୂଜାର ତୃତୀୟ ଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ସନ୍ଧ୍ୟାରେ ସୂର୍ଯ୍ୟଦେବ ଓ ଛଟ୍ ମାତାଙ୍କ

ପୂଜା କରାଯାଏ । ପରଦିନ ସକାଳେ ନଦୀଘାଟରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇ ଆରାଧନା କରାଯାଏ । ବିହାରର ଗଙ୍ଗା, ଗଣ୍ଡକ, କୋଶୀ, ସ୍ୱର୍ଣ୍ଣ, କମଳାବାଲାମ୍, ବାଗମତୀ ଏବଂ ଅନ୍ୟାନ୍ୟ ନଦୀଘାଟରେ ଛଟ୍ ପୂଜା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଛଟି ମୈୟାଙ୍କ ଆଶୀର୍ବାଦରେ ରୀତିନୀତି ଅନୁଯାୟୀ ଛଟ ପର୍ବ ସଫଳତାର ସହ ସମ୍ପନ୍ନ ହେବ ।

## ବିଶ୍ୱ ସୁନାମି ସଚେତନତା ଦିବସ

ଭାରତ-ମହାସାଗର ସୁନାମିର ବିଂଶତମ ବାର୍ଷିକୀ ତଥା ବିଶ୍ୱସୁନାମି ସଚେତନତା ଦିବସ ଆଜି ପାଳିତ ହୋଇଛି । ଏହି ଅବସରରେ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ର ପକ୍ଷରୁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସହଯୋଗରେ ଆଜି ସୁନାମି ମୁକାବିଲା ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓଡ଼ିଶାର ପୁରୀ ଜିଲ୍ଲାର ନରସିଂହ ପାଟଣା ଠାରେ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ସେହିଭଳି ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପୁଡୁଚେରୀ, ଲାକ୍ଷାଦ୍ୱୀପ, କେରଳ, କର୍ଣ୍ଣାଟକ, ଗୋଆ,

ମହାରାଷ୍ଟ୍ର, ଦାମନ୍ ଓ ଡିଉ ଏବଂ ଗୁଜରାଟ ଆଦି ଅଞ୍ଚଳର ବିପର୍ଯ୍ୟୟ ପ୍ରସମନ ପ୍ରାଧିକରଣ ସଂସ୍ଥାର ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।